# Visit of Prime Minister Shri Narendra Modi to Lumbini, Nepal (May 16, 2022)

May 12, 2022

## ୧୬ ମଇ ୨୦୨୨ ରେ ନେପାଳର ଲୁମ୍ବିନି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ମାନ୍ୟବର ଶେର ବାହାଦୁର ଦେଓବାଙ୍କ ନିମନ୍ତ୍ରଣ କ୍ରମେ ୧୬ ମଇ, ୨୦୨୨ ରେ ବୁଦ୍ଧ ପୂର୍ଣ୍ଣିମା ଅବସରରେ ସରକାରୀ ଭାବେ ଲୁମ୍ବିନି ଗସ୍ତ କରିବେ । ୨୦୧୪ ପରଠାରୁ ଏହା ହେବ ପ୍ରଧାନମନ୍ତ୍ରୀଙ୍କର ପଞ୍ଚମ ନେପାଳ ଗସ୍ତ ।

ଲୁମ୍ବିନିରେ ପ୍ରଧାନମନ୍ତ୍ରୀ ପ୍ରାର୍ଥନା ପାଇଁ ପବିତ୍ର ମାୟାଦେବୀ ମନ୍ଦିରକୁ ଯିବେ । ନେପାଳ ସରକାରଙ୍କ ତତ୍ତ୍ୱାବଧାନରେ ଲୁମ୍ବିନି ଡେଭଲପମେଣ୍ଟ ଟ୍ରଷ୍ଟ ଦ୍ୱାରା ଆୟୋଜିତ ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମଧ୍ୟ ସମ୍ବୋଧିତ କରିବେ । ଲୁମ୍ବିନି ମଠ ପରିସରରେ ବୌଦ୍ଧ ସଂସ୍କୃତି ଏବଂ ଐତିହ୍ୟ ପାଇଁ ଏକ କେନ୍ଦ୍ର ନିର୍ମାଣ ସକାଶେ ନୂଆଦିଲ୍ଲୀର ଆନ୍ତର୍ଜାତୀୟ ବୌଦ୍ଧ ମହାସଂଘ (ଆଇବିସି) ଦ୍ୱାରା ଆୟୋଜିତ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପୃଥକ ଭାବରେ ଅଂଶଗ୍ରହଣ କରିବେ । ଦୁଇ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଭାରତ ଏବଂ ନେପାଳ ମଧ୍ୟରେ 'ଆମର ପଡ଼ୋଶୀ ପ୍ରଥମ' ନୀତିକୁ ଆଗକୁ ବଢାଇବା ସହିତ ନିୟମିତ ଉଚ୍ଚ ସ୍ତରୀୟ ମତ ବିନିମୟର ପରମ୍ପରା ଜାରି ରଖିଛି । ଏହା ଦୁଇ ଦେଶର ଲୋକଙ୍କ ସଭ୍ୟତା ଏବଂ ଐତିହ୍ୟକୁ ସୂଚିତ କରେ ।

ନୂଆଦିଲ୍ଲୀ

ମଇ 12, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.